# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

ODIA

**India's National Spiritual Newspaper**

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2024 SEPTEMBER | No.07


## ପବିତ୍ର ବାଇବଲ

**(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**(ଗୀତସଂହିତା ୫୬:୧-୧୦)**

୧ ହେ ପରମେଶ୍ୱର, ମୋତେ ଦୟା କର ; କାରଣ ମନୁଷ୍ୟ ମୋତେ ଗ୍ରାସ କରିବାକୁ ଉଦ୍ୟତ ; ସେ ଦିନଯାକ ଯୁଦ୍ଧ କରି ମୋ' ପ୍ରତି ଉପଦ୍ରବ କରଇ ।

୨ ମୋହର ଶତ୍ରୁଗଣ ଦିନଯାକ ମୋତେ ଗ୍ରାସ କରିବାକୁ ଉଦ୍ୟତ ; କାରଣ ଦର୍ପରେ ମୋ' ବିରୁଦ୍ଧରେ ଯୁଦ୍ଧକାରୀ ଲୋକ ଅନେକ ।

୩ ମୁଁ ଭୀତ ହେବା ସମୟରେ ତୁମ୍ଭ ଉପରେ ନିର୍ଭର ରଖିବି ।

୪ ପରମେଶ୍ୱରଙ୍କ ଦ୍ୱାରା ମୁଁ ତାହାଙ୍କ ବାକ୍ୟର ପ୍ରଶଂସା କରିବି; ପରମେଶ୍ୱରଙ୍କ ଉପରେ ମୁଁ ନିର୍ଭର ରଖିଅଛି, ମୁଁ ଭୀତ ହେବି ନାହିଁ; ମାଂସପିଣ୍ଡ ମୋର କଅଣ କରିପାରେ ?

୫ ସେମାନେ ଦିନଯାକ ମୋହର କଥାର ବିପରୀତ ଅର୍ଥ କରନ୍ତି ; ମୋ' ବିରୁଦ୍ଧରେ ସେମାନଙ୍କର କଳ୍ପନାସବୁ ଅମଙ୍ଗଳାର୍ଥକ ।

୬ ସେମାନେ ଏକତ୍ରିତ ହୁଅନ୍ତି, ସେମାନେ ଲୁଚି ରହନ୍ତି, ସେମାନେ ମୋହର ପଦଚିହ୍ନ ଲକ୍ଷ୍ୟ କରନ୍ତି, ଏହିରୂପେ ସେମାନେ ମୋ' ପ୍ରାଣର ଅପେକ୍ଷା କରିଅଛନ୍ତି ।

୭ ସେମାନେ କ'ଣ ଅଧର୍ମ ଦ୍ୱାରା ରକ୍ଷା ପାଇବେ ? ହେ ପରମେଶ୍ୱର, କ୍ରୋଧରେ ଗୋଷ୍ଠୀୟମାନଙ୍କୁ ନିପାତ କର ।

୮ ତୁମ୍ଭେ ମୋହର ଭ୍ରମଣ ଗଣନା କରୁଅଛ । ତୁମ୍ଭେ ଆପଣା ପାତ୍ରରେ ଆମ୍ଭର ନେତ୍ରଜଳ ରଖିଥାଅ ; ତାହାସବୁ କ'ଣ ତୁମ୍ଭ ପୁସ୍ତକରେ ନାହିଁ ?

୯ ତେବେ ମୁଁ ପ୍ରାର୍ଥନା କରିବା ବେଳେ ମୋ' ଶତ୍ରୁଗଣ ଫେରିଯିବେ; ମୁଁ ଏହା ଜାଣେ ଯେ, ପରମେଶ୍ୱର ମୋହର ସପକ୍ଷ ।

୧୦ ପରମେଶ୍ୱରଙ୍କ ଦ୍ୱାରା ମୁଁ ତାହାଙ୍କ ବାକ୍ୟର ପ୍ରଶଂସା କରିବି । ସଦାପ୍ରଭୁଙ୍କ ଦ୍ୱାରା ମୁଁ ତାହାଙ୍କ ବାକ୍ୟର ପ୍ରଶଂସା କରିବି ।



## ଆପଣଙ୍କର ଅଭିଶାପକୁ ଆଶୀର୍ବାଦରେ ପରିଣତ କରନ୍ତୁ !

## TURN YOUR CURSES INTO BLESSINGS!

(ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)

"...ମୁଁ ତୁମ୍ଭ ସମ୍ମୁଖରେ ଜୀବନ ଓ ମରଣ, ଆଶୀର୍ବାଦ ଓ ଅଭିଶାପ ରଖିଲି, ଏ ନିମନ୍ତେ ତୁମ୍ଭେ ଓ ତୁମ୍ଭର ବଂଶ ଯେପରି ବଞ୍ଚିବ, ଏଥିପାଇଁ ଜୀବନ ମନୋନୀତ କର, ଅର୍ଥାତ୍, ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବାକୁ ଓ ତାହାଙ୍କ ରବରେ ଅବଧାନ କରିବାକୁ ଓ ତାହାଙ୍କଠାରେ ଆସକ୍ତ ହେବାକୁ (ମନୋନୀତ କର), କାରଣ ସେ ତୁମ୍ଭର ଜୀବନ ଓ ଦୀର୍ଘପରମାୟୁ ଅଟନ୍ତି..." (ଦ୍ୱିତୀୟ ବିବରଣ ୩୦:୧୯-୨୦) ।

ସମସ୍ତ ମନୁଷ୍ୟଠାରେ ଦେଖାଯାଉଥିବା ମୌଳିକ ଓ ସାଧାରଣ ସମସ୍ୟା ହେଉଛି – ଆମେ ସମସ୍ତେ ବିପଥଗାମୀ ହୋଇଅଛୁ । ଆମେ ହୁଏତ ନରହତ୍ୟା, ବ୍ୟଭିଚାର, କିମ୍ବା ଚୋରି କରି ନାହୁଁ, ମାତ୍ର ଆମେ ସମସ୍ତେ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିଅଛୁ : ଆମେ ସମସ୍ତେ ଈଶ୍ୱରଙ୍କଠାରୁ ବିମୁଖ ହୋଇ ଓ ତାଙ୍କ ବିରୁଦ୍ଧରେ ପାପ କରି ଆମ ନିଜସ୍ୱ ମାର୍ଗରେ ଯାଇଅଛୁ ଓ ଈଶ୍ୱରଙ୍କଠାରୁ ବିମୁଖ ହୋଇଅଛୁ । ହିବ୍ରୁରେ ଏହି ଆଚରଣକୁ 'ଏଭନ୍' କୁହାଯାଏ ଯାହାକୁ ଅଧର୍ମ ଭାବରେ ଅନୁବାଦ କରାଯାଏ । ଏହାକୁ 'କଠିନମନା' କିମ୍ବା 'ଶକ୍ତଗ୍ରୀବ' ଭାବରେ ମଧ୍ୟ ବୁଝାଯାଇପାରିବ । ଆମର ଏହି ସ୍ୱଭାବ ଈଶ୍ୱରଙ୍କର ବିରୁଦ୍ଧ ଅଟେ । 'ଅଧର୍ମ' ଓ 'ଶକ୍ତଗ୍ରୀବ' ହିବ୍ରୁ ଶବ୍ଦ 'ଏଭନ୍'ର ସଂପୂର୍ଣ୍ଣ ଅର୍ଥକୁ ସୂଚିତ କରେ ନାହିଁ । 'ଏଭନ' ମଧ୍ୟରେ ଆମ ଅଧର୍ମ ଓ ଆମ କଠୋର ଭାବନାର ପରିଣାମଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)



**ଆହ୍ୱାନର ପ୍ରତିଧ୍ୱନିର**

**ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !**

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ**

**୫ ମିନିଟ୍‌ର ବାର୍ତ୍ତା !!**

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**


**ପ୍ରତିଦିନ ଭୋର ୨ ଟାରେ**

**ତାମିଲ ରବିବାର ଉପାସନା – ସକାଳ ୮.୩୦ରେ**

*** Please Subscribe and Share ***

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"ଆମ୍ଭମାନଙ୍କର ହୀନା ବସ୍ଥା ସମୟରେ, ଆମ୍ଭମାନଙ୍କୁ ସ୍ମରଣ କଲେ ସେ, କାରଣ ତାହାଙ୍କର ଦୟା ଅନନ୍ତକାଳସ୍ଥାୟୀ" (ଗୀତସଂହିତା ୧୩୬:୨୩) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

## ଖ୍ରୀଷ୍ଟ ଯୀଶୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କର ଆଶ୍ଚର୍ଯ୍ୟଜନକ ନାମରେ ଅଭିବାଦନ ଜଣାଉଅଛୁ । ଆମେ ନିରନ୍ତର ଆପଣମାନଙ୍କର ମଙ୍ଗଳ ନିମନ୍ତେ ପ୍ରାର୍ଥନା କରୁଅଛୁ । ସଦାପ୍ରଭୁ ପରମେଶ୍ୱର ୨୦୨୪ ଅଗଷ୍ଟ ୯-୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଆମର ୫୬ତମ ବାର୍ଷିକୀ ଭଳି ସମସ୍ତ କାର୍ଯ୍ୟକୁ ଆଶୀର୍ବାଦ କରିଥିଲେ । ଏହି ସଭାରେ ତାଙ୍କର ନାମ ଗୌରବାନ୍ୱିତ ହୋଇଥିଲା ।



ଭଉଣୀ ଜେନୋଭା ଏଲାଙ୍ଗୋଭାନ୍,

ଆମର ମୁଖ୍ୟ ମଣ୍ଡଳୀର ଜଣେ ଅତି ଘନିଷ୍ଠ ସହକର୍ମୀ, ଭଉଣୀ ଜେନୋଭା ଏଲାଙ୍ଗୋଭାନ୍, ଯିଏ ଆମର ପାଳକ ଇ.କମଲ ସାମସନଙ୍କର ମା' ଅଟନ୍ତି, ସେ ଜୁଲାଇ ୨୯ ତାରିଖରେ ପ୍ରଭୁଙ୍କ କୋଳକୁ ଚାଲି ଯାଇଥିଲେ । ସେ ଆମ ମୁଖ୍ୟ ମଣ୍ଡଳୀପ୍ରତି ସମର୍ପିତା ଓ କଠିନ ପରିଶ୍ରମ କରୁଥିବା ଜଣେ ଉତ୍ତମ ବ୍ୟକ୍ତି ଥିଲେ । ଦୟାକରି ତାଙ୍କ ପରିବାରର ସଦସ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ପ୍ରବଳ ବନ୍ୟା ଯୋଗୁ ଭାରତର ଦକ୍ଷିଣ-ପଶ୍ଚିମ ରାଜ୍ୟ କେରଳର ୱେନାଡ଼ା ନାମକ ସ୍ଥାନରେ ଏକ ଭୟଙ୍କର ବିପର୍ଯ୍ୟୟ, ଏକ ଭୂସ୍ଖଳନ ଦ୍ୱାରା ଆମେ ଗଭୀର ଭାବରେ ଦୁଃଖିତ ଅଟୁ । ଅନେକ ଲୋକ ସେମାନଙ୍କର ପ୍ରିୟଜନ ଓ ସଂପତ୍ତି ହରାଇ ଦେଇଛନ୍ତି । ଆମେ ସମଗ୍ର ପୃଥିବୀରେ ଥିବା ଆମର ବନ୍ଧୁମାନଙ୍କୁ ପୁନଃସ୍ଥାପନ କାର୍ଯ୍ୟରେ ସହାୟତା ପ୍ରଦାନ କରିବା ପାଇଁ ନମ୍ରଭାବରେ ଅନୁରୋଧ କରୁଅଛୁ ।

କେରଳ ସେହି ପ୍ରଥମ ରାଜ୍ୟ ଅଟେ ଯେଉଁଠାରେ ଖ୍ରୀ:ଅ ୫୨ରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଶିଷ୍ୟ ଥୋମା ନିଜର ପାଦ ପକାଇଥିଲେ । ଏହିଠାରେ ଆମର ମାଲାୟାଲାମ୍ ସଂପାଦକ, ପ୍ରଚାରକ ବେଞ୍ଜାମିନ୍ ମୋଜେସ୍, ତାଙ୍କର ସହକାରୀ ଭାଇ, ମୋହନ କୁମାର ଓ ଆମର ଇଂରାଜୀ ସଂପାଦିକା, ଭଉଣୀ ସଜିନୀ ଚେରିଆନ୍ ବାସ କରନ୍ତି । ସାଧୁ ଥୋମା ସେହି ଚେନ୍ନାଇ ସହରରେ ସାକ୍ଷ୍ୟମର ହୋଇଥିଲେ ଯେଉଁଠାରେ ଆମର **ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ** ସ୍ଥାପିତ ହୋଇଅଛି ।



ପ୍ରଚାରକ ବେଞ୍ଜାମିନ୍ ମୋଜେସ୍



ଭାଇ ମୋହନ କୁମାର



ଭଉଣୀ ସଜିନୀ ଚେରିଆନ୍

ଆପଣମାନେ ଜାଣିଛନ୍ତି ଯେ ଆମେ **'ଗ୍ଲୋବାଲ୍ ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର"** ଭାବରେ ପରିଚିତ ଏକ ବିଶେଷ ଭାଗ ଆମ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ମଧ୍ୟରେ ପ୍ରତିଷ୍ଠା କରିଅଛୁ । ପ୍ରତିଦିନ ସ୍ଥାନୀୟ ସମୟ, ଠିକ୍ ରାତି ୧୦ରେ, ସମଗ୍ର ପୃଥିବୀରେ ଥିବା **"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର"** ସଦସ୍ୟମାନେ ପ୍ରାର୍ଥନାରେ ଏକତ୍ରିତ ହୁଅନ୍ତି । ଏହି ପ୍ରାର୍ଥନା ସଂକ୍ଷିପ୍ତ ହେଲେ ମଧ ଅତି ଶକ୍ତିଶାଳୀ ଅଟେ ? **"ଆମର ସଦାପ୍ରଭୁ ପରମେଶ୍ୱର,**

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

***ଦୟାକରି ସମଗ୍ର ପୃଥିବୀର ଯୁବାଯୁବତୀ ଓ ଛୋଟ ଛୋଟ ପିଲାମାନଙ୍କ ଉପରେ ତୁମର ଦୃଷ୍ଟି ରଖ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ, ଆମେନ୍ ।''***

*ଆପଣମାନେ ଯେଉଁ ସ୍ଥାନରେ ଥିଲେ ସୁଦ୍ଧା, ଏହି ପ୍ରାର୍ଥନାରେ ଆମ ସହିତ ଯୋଗ ଦିଅନ୍ତୁ ବୋଲି ଅନୁରୋଧ କରୁଅଛୁ ।*

*ଏହି ପଦକ୍ଷେପ ଆମର ଉଭୟ ମୁଖ୍ୟ ମଣ୍ଡଳୀ ଓ **ସେଣ୍ଟ ପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ,** ବିଶେଷ ଭାବରେ ଯୁବାମାନଙ୍କ ମଧ୍ୟରେ ଏକ ଉଲ୍ଲେଖନୀୟ ଉଦ୍ଦୀପନା ଆଣିଅଛି । ଆମେ ସମଗ୍ର ପୃଥିବୀରୁ, ଆମ ବନ୍ଧୁମାନଙ୍କଠାରୁ ଅସଂଖ୍ୟ ସାକ୍ଷ୍ୟ ପାଇବାରେ ଲାଗିଛୁ । ଅଗଷ୍ଟ ୧୧ରେ, ଆମେ ଆମ ମୁଖ୍ୟ ଉପାସନାଳୟରେ ଏହି ଯୁବାମାନଙ୍କ ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରିଥିଲୁ । ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସମସ୍ତ ଗୌରବ ଓ ସମ୍ମାନ ହେଉ ।*



***A conference held in the Main Church***

*କିନ୍ତୁ, ଆମେ ଉତ୍ସାହ ଓ ସମର୍ପଣ ସହିତ ଅଗ୍ରସର ହେଉଥିବା ସମୟରେ, ଅନେକ ଆହ୍ୱାନର ସମ୍ମୁଖୀନ ହେଉଅଛୁ । ଶୟତାନ ଅକଥନୀୟଭାବରେ ଶାରୀରିକ ଓ ଅର୍ଥନୈତିକ ଦୁଃଖ ଘଟାଇ, ଆମର ବିଭିନ୍ନ ସେବାକାର୍ଯ୍ୟ ସହିତ ସଂପୃକ୍ତ ପରିବାରଗୁଡ଼ିକ ଉପରେ ତା'ର ଲକ୍ଷ୍ୟ ସ୍ଥିର କରୁଅଛି । **''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''** ବର୍ତ୍ତମାନ ଅତିରିକ୍ତ ଅର୍ଥନୈତିକ ଚାପର ଅନୁଭୂତି ପାଉଅଛି ଓ ଆମେ ଆପଣମାନଙ୍କ ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଦୟାକରି ବିଶ୍ୱର ଯୁବା ଓ ପିଲାମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ସହିତ ଆପଣଙ୍କର ରାତ୍ରି ୧୦ଟାର ପ୍ରାର୍ଥନା ମଧ୍ୟରେ **''ସମଗ୍ର ପୃଥିବୀର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ନେତାମାନଙ୍କର ମଙ୍ଗଳ''** ବିଷୟଟିକୁ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତୁ ।*

*ସମଗ୍ର ପୃଥିବୀର ସମସ୍ତ ମଣ୍ଡଳୀରେ ଏକ ଶକ୍ତିପୂର୍ଣ୍ଣ ଉଦ୍ଦୀପନା ପାଇଁ ପ୍ରାର୍ଥନା ଓ ଉଦ୍‌ଯୋଗର ସହିତ ପରିଶ୍ରମ କରିବା ଆମର ଲକ୍ଷ୍ୟ ଅଟେ ।*

*ଆପଣମାନେ ଆମ ହୃଦୟର ଅତି ପ୍ରିୟ ଅଟନ୍ତି ଓ ଆମେ ଆପଣମାନଙ୍କ ସହିତ ଏକ ଘନିଷ୍ଠ ସହଭାଗିତା ରଖିବାକୁ ଚେଷ୍ଟା କରୁଅଛୁ । ଆମ ସହିତ ଅବାଧରେ ଯୋଗାଯୋଗ କରନ୍ତୁ କିମ୍ବା ଆହ୍ୱାନର ପ୍ରତିଧ୍ୱନିର ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ଆମର ୫-ମିନିଟର କାର୍ଯ୍ୟକ୍ରମରେ ଆମ ସହିତ ଯୋଗ ଦିଅନ୍ତୁ ।*

*ଈଶ୍ୱର ଆପଣମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।*

*ପ୍ରେମ ଓ କୃତଜ୍ଞତା ସହିତ, ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ*

**ପାଳକ ଆଲେକ୍ସ ସାମ୍‌ସନ୍ ସାମ୍**
**ପାଳକ ଏସ୍.ସାମ୍.ସେଲ୍‌ଭାରାଜ**
(+91) 98412 71858 / 98410 71858,
E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଉଦାହରଣ ସ୍ୱରୂପ, ଯେତେବେଳେ କୟିନ ନିଜ ଭାଇ ହେବଲଙ୍କୁ ବଧ କଲେ, ସେତେବେଳେ ସେ ସଦାପ୍ରଭୁଙ୍କୁ କହିଥିଲେ, **''ମୋହର ଦଣ୍ଡ ଅସହ୍ୟ''** (ଆଦିପୁସ୍ତକ ୪:୧୩) । ହିବ୍ରୁରେ **''ଏଭନ୍''**, ଏହି ପରିପ୍ରେକ୍ଷୀରେ **''ଦଣ୍ଡ''** ପାଇଁ ବ୍ୟବହୃତ ହୋଇଅଛି । ଏହି ଶବ୍ଦ ଉଭୟ କୟିନଙ୍କର 'ଅଧର୍ମ'କୁ ଓ ତାଙ୍କର 'ଦଣ୍ଡ'କୁ ସୂଚିତ କରୁଛି । 'ବିଳାପ' ପୁସ୍ତକର ଚାରି ଅଧ୍ୟାୟର ୬ ଓ ୧୩ ପଦରେ 'ଏଭନ୍' ଏହି ଅର୍ଥରେ ବ୍ୟବହୃତ ହୋଇଛି ।

**''...ସଦୋମର ପାପ ଅପେକ୍ଷା ମୋ' ଲୋକଙ୍କ କନ୍ୟାର ଅଧର୍ମ ଅଧିକ ଅଟେ''** (ବିଳାପ ୪:୬) । **''ତହିଁ ମଧ୍ୟରେ ଯେଉଁମାନେ ଧାର୍ମିକଗଣର ରକ୍ତପାତ କରିଅଛନ୍ତି, ସେହି ଭବିଷ୍ୟଦ୍‌ବକ୍ତାଗଣର ପାପ ଓ ଯାଜକଗଣର ଅଧର୍ମ ସକାଶୁ ଏହା ହୋଇଅଛି''** (ବିଳାପ ୪:୧୩) ।

ଆମେ ଆଜି ଅନେକ ପରିବାରରେ ଈଶ୍ୱରଙ୍କ ଅଭିଶାପ ରହିଥିବାର ଦେଖୁ । ଏପରିକି ଅନେକ ଖ୍ରୀଷ୍ଟିଆନ ପରିବାରରେ ମଧ୍ୟ କଳହ, ଭୁଲ୍‌ବୁଝାମଣା ଓ ବିଶୃଙ୍ଖଳା ରହିଅଛି । ମୁଁ ବର୍ତ୍ତମାନ ଏପରି କେତେକ ଅଭିଶାପକୁ ଉଲ୍ଲେଖ କରିବି ଯେଉଁଗୁଡ଼ିକୁ ସଦାପ୍ରଭୁ ପରମେଶ୍ୱର ନିଜେ ତାଙ୍କର ଅବାଧ୍ୟ ସନ୍ତାନମାନଙ୍କ ଉପରେ ଘୋଷଣା କରିଥିଲେ (ଦ୍ୱିତୀୟ ବିବରଣ ୨୮:୨୦,୨୧,୨୨,୨୭,୨୮) ।

ଦ୍ୱିତୀୟ ବିବରଣ ୨୮:୨୦ **''ତୁମ୍ଭେ ଆପଣାର ଯେଉଁ ମନ୍ଦ କର୍ମ ଦ୍ୱାରା ମୋତେ ତ୍ୟାଗ କଲ, ତହିଁ ହେତୁ ତୁମ୍ଭର ସଂହାର ଓ ଶୀଘ୍ର ବିନାଶ ହେବା ପର୍ଯ୍ୟନ୍ତ ତୁମ୍ଭ ହସ୍ତର ସମସ୍ତ କର୍ମରେ ସଦାପ୍ରଭୁ ତୁମ୍ଭ ପ୍ରତି ଅଭିଶାପ, ବ୍ୟାକୁଳତା ଓ ଭର୍ତ୍ସନା ପଠାଇବେ ।''**

ଦ୍ୱିତୀୟ ବିବରଣ ୨୮:୧୧ – **''ତୁମ୍ଭେ ଯେଉଁ ଦେଶ ଅଧିକାର କରିବାକୁ ଯାଉଅଛ, ସେଠାରୁ ତୁମ୍ଭେମାନେ ଉଚ୍ଛିନ୍ନ ହେବା ପର୍ଯ୍ୟନ୍ତ ସଦାପ୍ରଭୁ ତୁମ୍ଭଠାରେ ମହାମାରୀ ଲଗାଇ ରଖିବେ ।''**

ଦ୍ୱିତୀୟ ବିବରଣ ୨୮:୨୨ – **''ସଦାପ୍ରଭୁ ଯକ୍ଷ୍ମା ଓ ଜ୍ୱର ଓ ଜ୍ୱାଳା ଓ ଅତିଦାହ ଓ ଖଡ୍‌ଗ ଓ ଶସ୍ୟର ଶୋଷ ଓ ମ୍ଳାନି ଦ୍ୱାରା ତୁମ୍ଭକୁ ଆଘାତ କରିବେ, ତୁମ୍ଭର ବିନାଶ ହେବା ପର୍ଯ୍ୟନ୍ତ ସେସବୁ ତୁମ୍ଭର ପିଛା ଲାଗିଥିବେ ।''**

ଦ୍ୱିତୀୟ ବିବରଣ ୨୮:୨୭ – **''ସଦାପ୍ରଭୁ ତୁମ୍ଭକୁ ମିସ୍ରିୟ ବଥ ଓ ଅର୍ଶ ଓ ଯାଦୁ ଓ ଖୁଜୁଲି ଦ୍ୱାରା ଆଘାତ କରିବେ । ଏସବୁରୁ ତୁମ୍ଭେ ସୁସ୍ଥ ହୋଇପାରିବ ନାହିଁ ।''**

ଦ୍ୱିତୀୟ ବିବରଣ ୨୮:୨୮ – **''ସଦାପ୍ରଭୁ ତୁମ୍ଭକୁ ଉନ୍ମାଦ, ଅନ୍ଧତା ଓ ଚିତ୍ତ-ସ୍ତବ୍ଧତା ଦ୍ୱାରା ଆଘାତ କରିବେ ।''**

## କ. ଅଭିଶାପର ଚିହ୍ନ

ଅଭିଶାପ ରହିଥିବାର ଚିହ୍ନଗୁଡ଼ିକୁ ଜାଣିବା ପାଇଁ ଚେଷ୍ଟା କରୁଥିବା ସମୟରେ ଅନେକ ବିଷୟ ସ୍ପଷ୍ଟ ହୋଇଯାଏ –

### ୧. ମାନସିକ ବିଷାଦ :

ପ୍ରବଳ ବିଷାଦ ଏପରି ବ୍ୟକ୍ତିମାନଙ୍କୁ ପ୍ରାୟ ଆଚ୍ଛନ୍ନ କରିଥାଏ ଯେଉଁମାନେ ସେମାନଙ୍କ ଜୀବନରେ ବିଫଳତା ଓ ଅସୁବିଧାଗୁଡ଼ିକ ଦ୍ୱାରା ଭାରାକ୍ରାନ୍ତ ହୋଇଥାନ୍ତି । ଏହି ମାନସିକ ଭାର ଯୋଗୁ ସେମାନେ ସ୍ୱାଭାବିକ କାର୍ଯ୍ୟକଳାପ ପାଇଁ ଅସମର୍ଥ ହୁଅନ୍ତି ଓ ସେମାନେ ଅସ୍ୱାଭାବିକ ଅବସ୍ଥା ମଧ୍ୟକୁ ଚାଲିଯାନ୍ତି, ଅଧିକନ୍ତୁ, କେତେକ ବ୍ୟକ୍ତି ଏକ କାଳ୍ପନିକ ଦୃଶ୍ୟର ପରିସର ମଧ୍ୟକୁ ଚାଲିଯାନ୍ତି ଓ ମିଥ୍ୟାକୁ ଗୁରୁତ୍ୱ ଦେବା ସହିତ ସେମାନଙ୍କ ମନ ମଧ୍ୟରେ ସେମାନଙ୍କ ନିଜସ୍ୱ ସୃଷ୍ଟିର ଭଗ୍ନାଂଶଗୁଡ଼ିକ ବିରୁଦ୍ଧରେ ଯୁଦ୍ଧରେ ନିୟୋଜିତ ରହନ୍ତି ।

### ୨. ଆଳସ୍ୟ :

କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଉତ୍ପାଦନଶୀଳତା ଓ ଅନୁକୂଳ ଅବସ୍ଥାର ପ୍ରଚୁର ସୁଯୋଗ ସତ୍ତ୍ୱେ, କେତେକ ବ୍ୟକ୍ତି ଆଳସ୍ୟ ପ୍ରତି ଆସକ୍ତ ହୁଅନ୍ତି । ସେମାନେ ସେମାନଙ୍କର ନିଷ୍କ୍ରିୟତା ପାଇଁ ବାହ୍ୟ ବିଷୟଗୁଡ଼ିକୁ ଦାୟୀ କରନ୍ତି, ଯଥା – ଅନ୍ୟମାନଙ୍କୁ ଦୋଷଦେବା, କିମ୍ବା ସେମାନଙ୍କ ଜୀବନରେ ଶୂନ୍ୟତା ଆଣୁଥିବା ନିର୍ଦ୍ଦିଷ୍ଟ ଘଟଣା ଯାହା ସେମାନଙ୍କ ଦିନକୁ ଦୀର୍ଘ କରୁଥିବା ଏକ ଆଳସ୍ୟ ଚକ୍ର ।

### ୩. ଅଦ୍ଭୁତ ଜୀନ ସମ୍ବନ୍ଧୀୟ ରୋଗ :

କେତେକ ପରିବାର ଭିତରେ, ବଂଶାନୁକ୍ରମିକ ଅସାଧାରଣ ରୋଗ କିମ୍ବା ସମସ୍ୟା ଏପରି ବାରମ୍ବାର ଦେଖାଦିଏ ଯାହା ସେହି ବଂଶର ଐତିହ୍ୟକୁ ଗୁରୁତ୍ୱ ଦିଏ ।

### ୪. ବାରମ୍ବାର ଗର୍ଭପାତ ଓ ବନ୍ଧ୍ୟାତ୍ୱ :

ସତର୍କଭାବେ ରୋପଣ ଓ କୃଷି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଥିବା ନିକଟସ୍ଥ କୃଷିକ୍ଷେତ୍ରଗୁଡ଼ିକରେ ଫସଲ ଉତ୍ପାଦନ ମଧ୍ୟରେ ଏକ ତୀକ୍ଷ୍ଣ ପାର୍ଥକ୍ୟ ଦେଖାଦିଏ । ଗୋଟିଏ କ୍ଷେତ୍ରରେ ପ୍ରଚୁର ଶସ୍ୟ ହୁଏ, ମାତ୍ର ଅନ୍ୟଟି ଅନୁର୍ବର ହୋଇ ରହେ ଓ ସମାନ ପ୍ରକାର ପରିସ୍ଥିତି ଓ ରୋପଣ ପଦ୍ଧତି ସତ୍ତ୍ୱେ ପ୍ରଚୁର ଫଳ ଫଳିବାରେ ବିଫଳ ହୁଏ ।

ସେହିପରି, କେତେକ ସ୍ତ୍ରୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ଥାଇପାରେ, ମାତ୍ର ସେମାନଙ୍କର ବାରମ୍ବାର ଗର୍ଭପାତ ହୁଏ । ଅନ୍ୟମାନେ ବିନା କାରଣରେ ଗର୍ଭଧାରଣ କରିପାରନ୍ତି ନାହିଁ ଓ ଆଉ କେତେଜଣ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଜୀନ୍‌ଗତ ତ୍ରୁଟି ଥିବା ଶିଶୁମାନଙ୍କୁ ଜନ୍ମ ଦିଅନ୍ତି ।

### ୫. ବିବାହରେ ବିଳମ୍ବ ଓ ଭଗ୍ନ ବିବାହ :

ଆହୁରି ମଧ୍ୟ, ବିବାହରେ ବିଳମ୍ବ ଓ ଭଗ୍ନ ବିବାହ କେତେକ ବ୍ୟକ୍ତିମାନଙ୍କଠାରେ ବହୁଳ ଭାବରେ ଦେଖାଯାଏ । ଅନେକ ଚେଷ୍ଟା ସତ୍ତ୍ୱେ, କେତେ ଜଣ ବ୍ୟକ୍ତି ଅବିବାହିତ ରହନ୍ତି ଓ କେତେଜଣ ଦମ୍ପତି ସେମାନଙ୍କ ସଂପର୍କକୁ ରକ୍ଷା କରିବାରେ ଅସମର୍ଥ ହୋଇ ଶେଷରେ ବିବାହ–ବିଚ୍ଛେଦ ପାଇଁ ପଦକ୍ଷେପ ନିଅନ୍ତି । ଏହି ସହିଷ୍ଣୁତାର ଅଭାବ ଓ ଆଇନର ଆଶ୍ରୟ ନେବା ପାଇଁ ଇଚ୍ଛା, ପ୍ରାୟତଃ, ଏକ ବ୍ୟକ୍ତିଗତ ସମସ୍ୟା ଓ ଓକିଲମାନଙ୍କ ଦ୍ୱାରା ଅର୍ଥ ଶୋଷଣ ଦିଗକୁ କଢ଼ାଇ ନିଏ ।

### ୬. ଦାରିଦ୍ର୍ୟ ଓ ବିଫଳତା ଲାଗିରହିବା :

ନିରବଚ୍ଛିନ୍ନ ଦାରିଦ୍ର୍ୟ ଓ ବିଫଳତା ଏପରି କେତେକ ବ୍ୟକ୍ତିଙ୍କୁ ଆକ୍ରାନ୍ତ କରେ ଯେଉଁମାନେ କଷ୍ଟ ଓ ନୈରାଶ୍ୟର ଚକ୍ର ମଧ୍ୟରେ ପଡ଼ିଯାନ୍ତି । ଏହି ଅବିଶ୍ରାନ୍ତ ଚକ୍ର ବିଷାଦ ଦିଗକୁ କଢ଼ାଇ ନେଇପାରେ ଓ ସେମାନେ ଜୀବନକୁ ଅର୍ଥଶୂନ୍ୟ ମନେ କରନ୍ତି ଓ ଆତ୍ମ ହତ୍ୟା ପାଇଁ ଚିନ୍ତା କରନ୍ତି । ଏହା ସହିତ, କେତେକ ବ୍ୟକ୍ତି ସେମାନଙ୍କ ଜୀବନରେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ଦୁର୍ଭାଗ୍ୟକୁ ଆମନ୍ତ୍ରଣ କରିବା ଭଳି ମନେହୁଏ ।

## ଖ. ଅଭିଶାପ ମନୁଷ୍ୟ ଜାତିକୁ କିପରି ପ୍ରଭାବିତ କରିଥିଲା ?

ହିତୋପଦେଶ ୨୬:୨ ଅନୁସାରେ, **"... ଅକାରଣରେ ଦତ୍ତ ଶାପ ନିକଟକୁ ଆସେ ନାହିଁ ।"**

ଏହି ଚିହ୍ନଗୁଡ଼ିକ ଗୋଟିଏ ଅଭିଶାପ ରହିଥିବାର ସ୍ପଷ୍ଟ ସୂଚନା ଅଟେ ଓ ଏହା ସହିତ ବ୍ୟକ୍ତିର ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରକାଶିତ ହେଉଥିବା ଦୁଃଖ ଓ ଅସୁବିଧା ମିଶି ରହିଥାଏ ।

### ୧. ଅଭିଶାପ ଈଶ୍ୱରଙ୍କ ଆଜ୍ଞା ପ୍ରତି ଅବାଧ୍ୟତାରେ ପ୍ରଦର୍ଶିତ ହୁଏ ।

ମାନବ ସ୍ଥିତିର ଆଦ୍ୟ ସମୟରୁ, ଈଶ୍ୱରଙ୍କ ଅଭିଶାପ ବିଦ୍ୟମାନ ଅଛି । ଆମର ପୂର୍ବପୁରୁଷ, ଆଦମ ଓ ହବାଙ୍କ ସମୟରେ, ଏଦନ ଉଦ୍ୟାନରେ ଈଶ୍ୱରଙ୍କ ଅସନ୍ତୋଷ ସହିତ ଏହା ଆସିଥିଲା । ଆରମ୍ଭରୁ ଆଶୀର୍ବାଦ ପାଇଥିବା ସତ୍ତ୍ୱେ, ସେମାନଙ୍କର ଅବାଧ୍ୟତା ଯୋଗୁ ମାନବ ଜୀବନ ମଧ୍ୟକୁ ଅଭିଶାପ ପ୍ରବେଶ କରିଥିଲା ।

ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ବୃକ୍ଷର ଫଳ ବ୍ୟତୀତ ଉଦ୍ୟାନର ସମସ୍ତ ବୃକ୍ଷର ଫଳକୁ ଉପଭୋଗ କରିବା ପାଇଁ ଅନୁମତି ପାଇଥିଲେ । କିନ୍ତୁ, ଶୟତାନର ପରାମର୍ଶରେ, ସେମାନେ ସଦାପ୍ରଭୁଙ୍କ ଦ୍ୱାରା ନିଷିଦ୍ଧ ବୃକ୍ଷର ଫଳ ଖାଇଥିଲେ । ସେମାନଙ୍କର ଏହି ଅବାଧ୍ୟତା ଫଳରେ ସେମାନଙ୍କ ଉପରକୁ ଈଶ୍ୱରଙ୍କର

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ନିହିମିୟା ବାଇବଲ
ଆବାସିକ / ସାଂଧ୍ୟ କଲେଜ
ହେଲାଚେରୀ / ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ
ମାଧ୍ୟମ - ହିନ୍ଦୀ / ତାମିଲ
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଥିଓଲୋଜିରେ ଡିପ୍ଲୋମା
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ONLINE CLASSES ARE AVAILABLE ★

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ଦ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ସେପ୍ଟେମ୍ବର ୧୯ ରୁ ୨୦୨୪ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

- ସେପ୍ଟେମ୍ବର ୧୯ ⇨ ଆମର ଛାପାକଳରେ ଆମର ପତ୍ରିକାକୁ ୧୬ଟି ଭାଷାରେ ଛପାଇ, ପ୍ରକାଶ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବାରେ ସାମର୍ଥ୍ୟ ଦେଇଥିବାରୁ ।
- ସେପ୍ଟେମ୍ବର ୨୦ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ୍ ଗଣମାଧ୍ୟମ ସେବାକାର୍ଯ୍ୟର ୫ ମିନିଟର ବାର୍ତ୍ତା ଦ୍ୱାରା ଅନେକ ସାକ୍ଷ୍ୟ ମିଳିଥିବାରୁ ।
- ସେପ୍ଟେମ୍ବର ୨୧ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।
- ସେପ୍ଟେମ୍ବର ୨୨ ⇨ 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ସେବାକାର୍ଯ୍ୟରେ ସହାୟତା ଦେଉଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇଥିବାରୁ ।
- ସେପ୍ଟେମ୍ବର ୨୩ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଆମର ରବିବାର ଉପାସନାରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।
- ସେପ୍ଟେମ୍ବର ୨୪ ⇨ ଆମର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଏହାର ସୁପରିଚାଳନା ନିମନ୍ତେ ।
- ସେପ୍ଟେମ୍ବର ୨୫ ⇨ ଆହ୍ୱାନର ପ୍ରତିଧ୍ୱନି ୨୦୨୪ ଅଗଷ୍ଟ ମାସରେ ଏହାର ୫୬ତମ ବର୍ଷରେ ପ୍ରବେଶ କରିଥିବାରୁ ।
- ସେପ୍ଟେମ୍ବର ୨୬ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ପ୍ରତି ଦୟା ଦେଖାଇଥିବାରୁ ।
- ସେପ୍ଟେମ୍ବର ୨୭ ⇨ ଆମର ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।
- ସେପ୍ଟେମ୍ବର ୨୮ ⇨ ବରିଷ୍ଠ ପାଳକ ଓ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର ପାଇଁ ତାଙ୍କର ସମର୍ପଣ ନିମନ୍ତେ ।
- ସେପ୍ଟେମ୍ବର ୨୯ ⇨ ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଉଥିବାରୁ ।
- ସେପ୍ଟେମ୍ବର ୩୦ ⇨ ଆମ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ଯୋଗ କରିଥିବାରୁ ।
- ଅକ୍ଟୋବର ୧ ⇨ ମିଶନ କାର୍ଯ୍ୟକାରୀମାନଙ୍କର ସମର୍ପଣ ନିମନ୍ତେ ।
- ଅକ୍ଟୋବର ୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଦେଇଥିବାରୁ ।
- ଅକ୍ଟୋବର ୩ ⇨ ଆମର ନିହିମିୟା ବାଇବଲ କଲେଜ ଏହି ଶିକ୍ଷାବର୍ଷର ଦ୍ୱିତୀୟ ସେମିଷ୍ଟାରରେ ପ୍ରବେଶ କରିଥିବାରୁ ।
- ଅକ୍ଟୋବର ୪ ⇨ ପ୍ରତ୍ୟେକ ମଦ୍ୟପ ଓ କୁକର୍ମକାରୀ ଯେପରି ଅନୁତାପ କରିବେ ।
- ଅକ୍ଟୋବର ୫ ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ ।
- ଅକ୍ଟୋବର ୬ ⇨ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ଯୁବ ଓ ପ୍ରଚାର କାର୍ଯ୍ୟ ନିମନ୍ତେ ।
- ଅକ୍ଟୋବର ୭ ⇨ ଆମ ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।
- ଅକ୍ଟୋବର ୮ ⇨ ଭାରତର ଦୁର୍ଗମ ଅଞ୍ଚଳରେ ପ୍ରଚାର କରିବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ ।
- ଅକ୍ଟୋବର ୯ ⇨ ଆମର ସିଂହଳ ପତ୍ରିକା ଦଳର ଭଉଣୀ ମଞ୍ଜୁଳା ଯେପରି ତାଙ୍କ ସ୍ୱାସ୍ଥ୍ୟ ସମସ୍ୟାରୁ ସଂପୂର୍ଣ୍ଣ ଭାବେ ସୁସ୍ଥ ହେବେ ।
- ଅକ୍ଟୋବର ୧୦ ⇨ ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ନିମନ୍ତେ ଆମକୁ ଲକ୍ଷ୍ୟ ଓ ଦର୍ଶନ ଦେବା ପାଇଁ ।
- ଅକ୍ଟୋବର ୧୧ ⇨ ସାଂପ୍ରତିକ ଭୂସ୍ଖଳନ ପରେ, କେରଳର ୱେନାଡାରେ ଯେପରି ସ୍ୱାଭାବିକ ସ୍ଥିତି ଫେରି ଆସିବ ।
- ଅକ୍ଟୋବର ୧୨ ⇨ ଆମର ସାଥୀ, ରାଜ୍ୟ-ସଂଯୋଜକ ଓ ସେମାନଙ୍କର ପରିବାର ନିମନ୍ତେ ।
- ଅକ୍ଟୋବର ୧୩ ⇨ ସମସ୍ତ ଦେଶରେ ଶାନ୍ତି ଓ ଏକତା ନିମନ୍ତେ ।
- ଅକ୍ଟୋବର ୧୪ ⇨ ଆମର ସୁସମାଚାର ଛାପାକଳକୁ ଆଶୀର୍ବାଦ କରିବା ନିମନ୍ତେ ।
- ଅକ୍ଟୋବର ୧୫ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରଚାର ନିମନ୍ତେ ।
- ଅକ୍ଟୋବର ୧୬ ⇨ ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖା ଦେଇଥିବା ଆର୍ଥିକ ସଙ୍କଟ ଯେପରି ଶେଷ ହେବ ।
- ଅକ୍ଟୋବର ୧୭ ⇨ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।
- ଅକ୍ଟୋବର ୧୮ ⇨ ଈଶ୍ୱର ଯେପରି ସମସ୍ତ ଦେଶର ଈଶ୍ୱର-ଭୟାଳୁ ନେତାମାନଙ୍କୁ ଆଶୀର୍ବାଦ କରିବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଅଭିଶାପ ଆସିଥିଲା । ଏହି ଘଟଣା ଆଦିପୁସ୍ତକ ୨:୧୫ରୁ ୩:୨୪ ଭିତରେ ବର୍ଣ୍ଣିତ ଅଛି ।

ଯୀଶୁ ଖ୍ରୀଷ୍ଟ ମାନବ ଜାତିର ତ୍ରାଣକର୍ତ୍ତା ଅଟନ୍ତି ବୋଲି ଆମେ ଘୋଷଣା କରୁ । ତାଙ୍କର ଜନ୍ମ, ମୃତ୍ୟୁ ଓ ପୁନରୁତ୍ଥାନ ଏକ ଲିଖିତ ଐତିହାସିକ ଘଟଣା ଅଟେ । ଆମେ ଏହା ପ୍ରଚାର କରୁ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମର ପାପଗୁଡ଼ିକୁ କ୍ଷମା କରାଯାଇଛି ଓ ଲୋକମାନେ ତାଙ୍କର ସନ୍ତାନ ସନ୍ତତି ହେବା ନିମନ୍ତେ ତାଙ୍କୁ ଗ୍ରହଣ କରିବା ଆବଶ୍ୟକ । ପ୍ରଥମେ, ଆମକୁ ଈଶ୍ୱରଙ୍କ ରାଜ୍ୟ ଓ ତାଙ୍କର ଧାର୍ମିକତାର ଅନ୍ୱେଷଣ କରିବାକୁ ହେବ ଓ ଏହାପରେ ଜାଗତିକ ଆଶୀର୍ବାଦ ଆସିବ । ଆମେ ଏକ ଧାର୍ମିକ ଜୀବନ କାଟିବା ପାଇଁ ଓ ବିଭିନ୍ନ ମାଧ୍ୟମରେ ଆସୁଥିବା ଅଧାର୍ମିକ କାର୍ଯ୍ୟଗୁଡ଼ିକୁ ଏଡ଼ାଇବା ପାଇଁ ଶିକ୍ଷିତ ହୋଇଛୁ । ଅସଂଖ୍ୟ ଲୋକ ଏହି ସ୍ୱର୍ଗୀୟ ବାର୍ତ୍ତା ଶୁଣୁଛନ୍ତି, ମାତ୍ର କେବଳ ଅଳ୍ପ କେତେ ଜଣ ପ୍ରକୃତରେ ଏହା ପ୍ରତି ମନୋଯୋଗୀ ହୋଇ, ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହେବା ଦ୍ୱାରା ଓ ପବିତ୍ର ଆତ୍ମାଙ୍କ ଚାଳନା ଦ୍ୱାରା ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁଛନ୍ତି ।

ଏହା ସହିତ, ଆମେ ଖ୍ରୀଷ୍ଟିଆନମାନଙ୍କୁ ଏହା ଜଣାଉ ଯେ ସେମାନେ ଖ୍ରୀଷ୍ଟଙ୍କ ଶିକ୍ଷାକୁ ଧରି ରଖିବା, ତାଙ୍କର ଜୀବନ ଶୈଳୀକୁ ପ୍ରଦର୍ଶନ କରିବା ଓ ତାଙ୍କର ସେବା କରିବା ଉଚିତ୍ । ଯଦିଓ ଆପଣ ଶୁଣନ୍ତି, ତଥାପି ଏହି ଶିକ୍ଷାଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ କୁଣ୍ଠିତ ହୁଅନ୍ତି । ମଣ୍ଡଳୀ ଏକ ପବିତ୍ର ସ୍ଥାନ ଯେଉଁଠାରେ ପ୍ରବେଶ ମାତ୍ରେ ଉପାସନା ଆବଶ୍ୟକ ହୁଏ । ଅଶୁଚି ଚିନ୍ତା ଓ ମନ୍ଦ ମନୋଭାବକୁ ପରିତ୍ୟାଗ କରି, କେବଳ ଉପାସନା ଉପରେ ମନୋନିବେଶ କରି ମଣ୍ଡଳୀ ମଧ୍ୟରେ ପ୍ରବେଶ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଉପାସନାର ଅନୁଭୂତି ପାଇବା ପାଇଁ ଯେ କୌଣସି ଅମନୋଯୋଗିତା କିମ୍ବା ଅନ୍ତରାୟକୁ ଏଡାଇ ଦେବା ଓ ନିଜ ନିଜର ମୋବାଇଲ୍ ଫୋନ୍‌ର ସ୍ୱିଚକୁ ବନ୍ଦ ରଖିବା ଉଚିତ୍ ।

ମଣ୍ଡଳୀରେ ପୋଷାକ ଓ ଆଚରଣ ସମ୍ବନ୍ଧରେ ନିୟମ :

ଦୟାକରି, ମାର୍ଜିତ ଓ ରୁଚିସଂପନ୍ନ ପୋଷାକ ପିନ୍ଧନ୍ତୁ ଓ ଅନ୍ୟମାନଙ୍କଠାରେ ଅନୁଚିତ ଚିନ୍ତାକୁ ଉଦ୍ରେକ କରୁଥିବା ପୋଷାକ ପିନ୍ଧନ୍ତୁ ନାହିଁ ।

ଏପରି କାର୍ଯ୍ୟରୁ ନିବୃତ୍ତ ରହନ୍ତୁ ଯାହା ଅନୁପଯୁକ୍ତ ସଂପର୍କ ଦିଗକୁ କଢ଼ାଇ ନେଇପାରେ ।

ପୁରୁଷମାନେ ଯେପରି ମହିଳାମାନଙ୍କ ଭଳି ଦୀର୍ଘ କେଶ ରଖିବେ ନାହିଁ ଓ ମହିଳାମାନେ ଯେପରି ପୁରୁଷମାନଙ୍କ ଭଳି ଅତି ଛୋଟ କେଶ ରଖିବେ ନାହିଁ, ଏଥିପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି ।

ମଣ୍ଡଳୀ ଉପାସନା ପାଇଁ ଠିକ୍ ସମୟରେ ଆସନ୍ତୁ ଓ ଉପାସନା ପ୍ରତି ସମ୍ମାନ ଦେଖାଇ ଶେଷ ପର୍ଯ୍ୟନ୍ତ ସେଠାରେ ରହନ୍ତୁ ।

ଏହି କାର୍ଯ୍ୟଗୁଡ଼ିକ ପ୍ରଭୁଙ୍କର ସନ୍ତୋଷଜନକ ଅଟେ ।

ପ୍ରଚାର ପ୍ରତି ମନୋଭାବ :

କେତେକ ବ୍ୟକ୍ତି ହୁଏତ ଏହିପରି ଶିକ୍ଷାକୁ ପସନ୍ଦ କରିପାରନ୍ତି ନାହିଁ ଓ ସେଥିପାଇଁ ଏପରି ମଣ୍ଡଳୀଗୁଡ଼ିକୁ ପ୍ରାଧାନ୍ୟ ଦିଅନ୍ତି ଯେଉଁଗୁଡ଼ିକ ଅଧିକ ଉଦାର ଜୀବନଶୈଳୀ ସମର୍ଥନ କରନ୍ତି ।

ସେମାନେ ଅଧିକ ସଦସ୍ୟବିଶିଷ୍ଟ ମଣ୍ଡଳୀ ଖୋଜନ୍ତି ଯେଉଁଠାରେ ସେମାନଙ୍କୁ କେହି ଲକ୍ଷ୍ୟ କରିପାରିବେ ନାହିଁ ଓ ସେମାନେ ସେମାନଙ୍କ ଇଚ୍ଛାନୁସାରେ ଜୀବନ କାଟିବେ ।

ଧାର୍ମିକତାରୁ ବିଚ୍ୟୁତ ହେବାର ପରିଣାମଗୁଡ଼ିକ :

ନୈତିକ ଶିକ୍ଷାର ବିପରୀତରେ ଜୀବନ କାଟିବା ଏହି ପ୍ରଶ୍ନ ଉତ୍ଥାପନ କରେ ଯେ ଈଶ୍ୱର କିପରି ତାଙ୍କର ଅସନ୍ତୋଷକୁ ଅଟକାଇ ପାରିବେ ।

ଏହି ବିଚ୍ୟୁତି ଫଳରେ, ଅନେକ ଧର୍ମନେତାଙ୍କ ଠାରେ ଦର୍ଶନର ଅଭାବ, ଆଶ୍ଚର୍ଯ୍ୟକର୍ମର ଅଭାବ ଓ ଅଖଣ୍ଡନୀୟ ଆତ୍ମିକ ଦର୍ଶନର ଅଭାବ ଦେଖାଦିଏ । ଅନେକ ବିଶ୍ୱାସୀଙ୍କଠାରେ ମଧ୍ୟ ବାସ୍ତବ ପରିତ୍ରାଣର ଅନୁଭୂତିର ଅଭାବ ଲକ୍ଷ୍ୟ କରାଯାଏ ।

ମଣ୍ଡଳୀ ଗୁଡ଼ିକରେ ଏହି ପ୍ରକାର ପରିସ୍ଥିତି ସ୍ୱର୍ଗୀୟ ଦଣ୍ଡର ପରିଣତିକୁ ପ୍ରତିଫଳିତ କରେ ।

## ୨. ନିଜେ ନିଜ ଉପରକୁ ଆଣୁଥିବା ଅଭିଶାପଗୁଡ଼ିକ :

**"... ତୁମ୍ଭେ ଆପଣା ମୁଖର ବାକ୍ୟରୂପ ଫାନ୍ଦରେ ପଡ଼ିଅଛ ..."** – ହିତୋପଦେଶ ୬:୨ର ଏହି ପଦ ଜଣଙ୍କର ଜୀବନ ଉପରେ ତା'ର କଥିତ ବାକ୍ୟର ପ୍ରଭାବକୁ ଦର୍ଶାଇ ଅଛି ।

ମଜାରେ କିମ୍ବା ଧମକ ଦେବା ଛଳରେ, ଆତ୍ମହତ୍ୟା କରିବାର ଇଚ୍ଛା କିମ୍ବା ଦୀର୍ଘଦିନ ନ ବଞ୍ଚିବାର ଇଚ୍ଛା ଘୋଷଣା କରିବାରେ ଗୁରୁତର କୁପ୍ରଭାବ ଦେଖା ଦେଇପାରେ ।

ଅନେକ ଲୋକ ଏହି ପ୍ରକାର କଥା କହିବା ପରେ ଦୁଃଖଦଭାବରେ ମୃତ୍ୟୁବରଣ କରିଛନ୍ତି ।

କେତେକ ପରିବାରରେ, ସ୍ୱାମୀମାନେ ସେମାନଙ୍କର ସ୍ତ୍ରୀମାନଙ୍କର ହାତରନ୍ଧାକୁ ସମାଲୋଚନା କରି ଖାଦ୍ୟର ମାନ ବିଷୟରେ ଚିନ୍ତିତ ହୁଅନ୍ତି ଓ ଏହି ପ୍ରକାର ଖାଦ୍ୟ ଖାଇବା ଦ୍ୱାରା ସେ ହୁଏତ ମୃତ୍ୟୁବରଣ କରିପାରନ୍ତି ବୋଲି କହି ଅସନ୍ତୁଷ୍ଟ ହୁଅନ୍ତି । ଏହି ଜାଣିବା ଅନିବାର୍ଯ୍ୟ ଅଟେ ଯେ ଯେଉଁ ବ୍ୟକ୍ତିମାନେ ଏହି ପ୍ରକାର କଥା କହନ୍ତି, ସେମାନେ ସାଧାରଣ ଭାବରେ, ସେମାନଙ୍କ ନିଜ ନିଜ ଜୀବନ କାଳକୁ ନିର୍ଣ୍ଣୟ କରନ୍ତି । ସେହିପରି କେତେକ ପିତାମାତା ସେମାନଙ୍କର ସନ୍ତାନମାନଙ୍କୁ ତୁଚ୍ଛ କରିବା ପାଇଁ ଆଘାତଦାୟକ କଥା କହନ୍ତି ଓ ସେମାନଙ୍କର ବନ୍ଧୁମାନଙ୍କ ସହିତ ସେମାନଙ୍କୁ ତୁଳନା କରନ୍ତି । ଏହି ଆଘାତଦାୟକ ବ୍ୟବହାର କେବଳ ସନ୍ତାନର ଆତ୍ମ-ସମ୍ମାନ ଉପରେ ପ୍ରଭାବ ପକାଏ, ତା' ନୁହେଁ ମାତ୍ର ସେମାନଙ୍କ ଜୀବନ ମଧ୍ୟକୁ ନକରାତ୍ମକ ପରିଣତିକୁ ମଧ୍ୟ ଆମନ୍ତ୍ରଣ କରେ ।

ପ୍ରେରିତ ପିତର ନିଜ ଜୀବନରେ ସେହି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ଏହି ବିଷୟ ମାର୍କ ୧୪:୬୬-୭୨ରେ ବର୍ଣ୍ଣିତ ଅଛି । ମହାଯାଜକଙ୍କର ପ୍ରାଙ୍ଗଣରେ ଥିବା ସମୟରେ, ପିତର ତିନିଥର ଯୀଶୁଙ୍କ ସହିତ ତାଙ୍କର ସଂପୃକ୍ତିକୁ ଅସ୍ୱୀକାର କରିଥିଲେ । ନିଜର ଶେଷ ଅସ୍ୱୀକାର ସମୟରେ, ସେ ଯୀଶୁଙ୍କୁ ଅଗ୍ରାହ୍ୟ କରୁ କରୁ ତାଙ୍କୁ ଅଭିଶାପ ଦେବା ଓ ନିନ୍ଦା କରିବା ପାଇଁ ମଧ୍ୟ ପ୍ରରୋଚିତ ହୋଇଥିଲେ । ଏହି ଦାୟିତ୍ୱହୀନ ଆଚରଣ ଫଳରେ, ସେ ନିଜ ଉପରକୁ ଅଭିଶାପ ଡ଼ାକି ଆଣିଥିଲେ । ପରେ, ସେ ନିଜ କାର୍ଯ୍ୟ ପାଇଁ ଅନୁତାପ ଓ ଗଭୀର ଅନୁଶୋଚନା କରିଥିଲେ ସୁଦ୍ଧା, ସେ ନିଜ କଥାର ପରିଣାମକୁ ଭୋଗ କରିଥିଲେ ।

ତିନି ନିଦ ପରେ ଗୋଟିଏ ଉଜ୍ଜ୍ୱଳ ସମୟ ଆସିଥିଲା ଯେତେବେଳେ ଯୀଶୁଙ୍କର ସମାଧି ଦେଖିବାକୁ ଯାଇଥିବା ସ୍ତ୍ରୀମାନେ ଈଶ୍ୱରଙ୍କର ଜଣେ ଦୂତଙ୍କୁ ଭେଟିଥିଲେ ଯିଏ ପିତରଙ୍କ ସହିତ ଅନ୍ୟ ଶିଷ୍ୟମାନଙ୍କୁ ଏହି ସମ୍ବାଦ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଯେ ଯୀଶୁ ଉଠିଅଛନ୍ତି ଓ ସେ ସେମାନଙ୍କୁ ଗାଲିଲୀରେ ସାକ୍ଷାତ୍ କରିବେ (ମାର୍କ ୧୬:୭) । ଏହି ଘଟଣା ପିତରଙ୍କ କଥାର ପ୍ରତିଫଳ ଉପରେ ଆଲୋକପାତ କରେ, କାରଣ ସେ ଯୀଶୁଙ୍କର ଜଣେ ଶିଷ୍ୟ ବୋଲି ଆଉ ସ୍ୱୀକାର କରୁ ନ ଥିଲେ । ନିଜର ବାକ୍ୟ ଓ କାର୍ଯ୍ୟ ମାଧ୍ୟମରେ, ପିତର ଯୀଶୁଙ୍କର ଜଣେ ଶିଷ୍ୟ ଭାବରେ ପରିଚିତ ହେବାର ଅଧିକାରକୁ ହରାଇ ଦେଇଥିଲେ ।

ନିଜର ପ୍ରଚୁର ଦୟା ଓ ଅନୁଗ୍ରହ ଯୋଗୁ, ଯୀଶୁ ପିତରଙ୍କୁ ସାକ୍ଷାତ୍ କରିବା ପାଇଁ ଓ ତାଙ୍କୁ ପୁଣିଥରେ

ତାଙ୍କର ଶିଷ୍ୟରେ ପରିଣତ କରିବା ପାଇଁ ଗାଲିଲୀ ହ୍ରଦ କୂଳକୁ ଯାଇଥିଲେ । ପିତର ଯୀଶୁଙ୍କୁ ତିନିଥର ଅସ୍ୱୀକାର କରିଥିବାରୁ, ଯୀଶୁ ତାଙ୍କୁ ତିନିଥର ପଚାରିଥିଲେ, **"ପିତର, ତୁମେ ମୋତେ ପ୍ରେମ କର କି ?"** (ଯୋହନ ୨୧:୧୫-୧୭) । ଯଦିଓ ପିତର ଉତ୍ତର ଦେଇଥିଲେ, **"ହଁ, ପ୍ରଭୁ, ମୁଁ ଆପଣଙ୍କୁ ପ୍ରେମ କରେ ବୋଲି ଆପଣ ଜାଣନ୍ତି"** (ଯୋହନ ୨୧:୧୫-୧୭) । ତଥାପି ଯୀଶୁ ତାଙ୍କୁ ତିନିଥର ପ୍ରଶ୍ନ କରିବାରୁ ସେ ଦୁଃଖିତ ହୋଇଥିଲେ । କିନ୍ତୁ, ତାଙ୍କୁ ତିନି ଥର ତାଙ୍କ ପ୍ରତି ତାଙ୍କର ପ୍ରେମକୁ ସ୍ୱୀକାର କରାଇବା ଦ୍ୱାରା ଯୀଶୁ ଯେ ତାଙ୍କର ତିନି ଅସ୍ୱୀକାରକୁ ଖଣ୍ଡନ କରୁଥିଲେ, ଏହା ପିତର ଉପଲବ୍ଧି କରି ପାରି ନ ଥିଲେ । ଏପରି କରିବା ଦ୍ୱାରା, ଯୀଶୁ ପିତରଙ୍କୁ ତାଙ୍କର ତିନିଥର ଅସ୍ୱୀକାର କରିବାର ପାପକୁ ସ୍ୱୀକାର କରାଇଥିଲେ ଓ ତାଙ୍କୁ ଜଣେ ଶିଷ୍ୟ ଭାବରେ ପୁନଃସ୍ଥାପିତ କରିଥିଲେ ।

ଇସ୍ରାଏଲର ଲୋକମାନେ ଯୀଶୁଙ୍କର ଶିକ୍ଷା ଶୁଣିଥିଲେ, ମାତ୍ର ତାଙ୍କୁ ଗ୍ରହଣ କରି ନ ଥିଲେ । ଯେତେବେଳେ ଯୀଶୁଙ୍କୁ ପିଲାତଙ୍କ ସମ୍ମୁଖକୁ ଅଣାଗଲା, ସେତେବେଳେ ପିଲାତ ଯୀଶୁଙ୍କଠାରେ କୌଣସି ପାପ ପାଇ ନ ଥିଲେ ଓ ତାଙ୍କୁ ମୁକ୍ତ କରିବା ପାଇଁ ଇଚ୍ଛା କରିଥିଲେ । କିନ୍ତୁ ଯିହୁଦୀମାନେ ଚିତ୍କାର କରିଥିଲେ, **"ତାଙ୍କୁ କ୍ରୁଶରେ ଚଢ଼ାଯାଉ ... ତାଙ୍କର ରକ୍ତ ଆମ୍ଭମାନଙ୍କ ଉପରେ ଓ ଆମ୍ଭମାନଙ୍କର ସନ୍ତାନମାନଙ୍କ ଉପରେ ବର୍ତ୍ତୁ"** (ମାଥିଉ ୨୭:୨୨,୨୫) । ଯିହୁଦୀମାନେ ସେମାନଙ୍କ ନିଜ ନିଜର ବାକ୍ୟ ଦ୍ୱାରା ନିଜ ନିଜ ଉପରକୁ ଅଭିଶାପ ଆଣିଥିଲେ । ଇତିହାସରେ ଲିପିବଦ୍ଧ ଅଛି ଯେ ଗୋଟିଏ ଯୁଗ ମଧ୍ୟରେ, ରୋମୀୟ ସୈନ୍ୟବାହିନୀ ଯିରୁଶାଲମ ଅଧିକାର କରିଥିଲେ ଓ ଏପର୍ଯ୍ୟନ୍ତ ମଧ୍ୟ, ଯିହୁଦୀମାନେ ସମଗ୍ର ପୃଥିବୀରେ ଛିନ୍ନଭିନ୍ନ ହୋଇ ରହିଛନ୍ତି ।

## ୩. ଜୀବିତ ଈଶ୍ୱରଙ୍କ ସହିତ ମୂର୍ତ୍ତିଗୁଡ଼ିକୁ ସମାନ କରିବା ଦ୍ୱାରା ଅଭିଶାପ ଆସେ :

**"ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ, କି ସେମାନଙ୍କର ସେବା କରିବ ନାହିଁ, ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ, ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧାର ପ୍ରତିଫଳଦାତା"** (ଯାତ୍ରା ୨୦:୪-୫) ।

ଆମେ ଏହା ବୁଝୁ ଯେ ଯେଉଁମାନେ ଜୀବିତ ଈଶ୍ୱରଙ୍କୁ ପ୍ରତିମାଗୁଡ଼ିକ ସହିତ ସମାନ କରନ୍ତି, ସେମାନେ ଈଶ୍ୱରଙ୍କର ଶତ୍ରୁ ହୋଇଯାଆନ୍ତି । ଏହି ଲୋକମାନେ ଦୁଃସାହସିକ ଭାବରେ ସର୍ପ, ମାଙ୍କଡ଼ ଓ ହାତୀ ଭଳି ତୁଚ୍ଛ ପ୍ରାଣୀମାନଙ୍କ ସହିତ ଈଶ୍ୱରଙ୍କୁ ସମାନ କରନ୍ତି । ସଦାପ୍ରଭୁ ପରମେଶ୍ୱରଙ୍କୁ, ଈଶ୍ୱରମାନଙ୍କ ଈଶ୍ୱର ଓ ରାଜାମାନଙ୍କର ରାଜାଙ୍କୁ ନଗଣ୍ୟ କରିବା ଦ୍ୱାରା ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ କ୍ରୋଧ ଉଦ୍ରେକ କରନ୍ତି ଓ ସେଥିପାଇଁ ଈଶ୍ୱର ସେହି ପ୍ରତିମାପୂଜକମାନଙ୍କର ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସେମାନଙ୍କୁ ନିଶ୍ଚିତଭାବେ ଦଣ୍ଡ ଦିଅନ୍ତି ।

ମୋତେ ଆଉ ଟିକେ ବିସ୍ତୃତ ଭାବରେ ବୁଝାଇବା ପାଇଁ ସୁଯୋଗ ଦିଅନ୍ତୁ । ଯେତେବେଳେ ଆପଣ ଗୋଟିଏ ଫୁଲହାର ଦେବା ଦ୍ୱାରା ଜଣେ ନେତାଙ୍କୁ ସମ୍ମାନ ଦେବା ପାଇଁ ଇଚ୍ଛା କରନ୍ତି, ସେତେବେଳେ ଗୋଟିଏ ମାଙ୍କଡ଼ର ପ୍ରତିମୂର୍ତ୍ତିକୁ ଆପଣ ଫୁଲମାଳ ପିନ୍ଧାଇବେ କି ? ସେହିପରି କରିବା ଦ୍ୱାରା ଆପଣ ନିଶ୍ଚୟ ସେହି ବ୍ୟକ୍ତିଙ୍କୁ ଅସମ୍ମାନ କରିବେ, ଯାହାଙ୍କୁ ଆପଣ ସମ୍ମାନ ଦେଖାଇବାକୁ ଇଚ୍ଛା କରୁଥିବେ । ଦୟାକରି ଏହା ଉପରେ ଚିନ୍ତା କରନ୍ତୁ । ବାଇବଲ ଆମକୁ ନିର୍ଦ୍ଦେଶ ଦେଇଛି, **"ଅତଏବ, ହେ ମୋହର ପ୍ରିୟମାନେ, ପ୍ରତିମା ପୂଜାରୁ ପଳାୟନ କର"** (୧ କରିନ୍ଥୀୟ ୧୦:୧୪) । ଏହି ସ୍ୱର୍ଗୀୟ ଆଦେଶକୁ ଅବଜ୍ଞା କଲେ, ନିଃସନ୍ଦେହରେ ଆପଣଙ୍କ ଉପରେ ଅଭିଶାପ ଆସିବ । ଏହା ଉପରେ ଚିନ୍ତା କରି ଏକ ନିଷ୍ପତ୍ତି ନିଅନ୍ତୁ ।

## ୪. ଯଦି ଆପଣ ଆପଣଙ୍କର ପିତାମାତାଙ୍କୁ ସମାଦର କରିବେ ନାହିଁ, ତେବେ ଆପଣ ନିଜ ଉପରକୁ ଅଭିଶାପ ଆଣିବେ ।

**"ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କରିବ, ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ"** (ଯାତ୍ରା ୨୦:୧୨) । ଏହି ପଦଟି ଏହା ଦର୍ଶାଏ ଯେ ପିତାମାତାଙ୍କୁ ସମ୍ମାନ ନ ଦେଖାଇଲେ, ଏହି ପୃଥିବୀରେ ଆପଣଙ୍କ ଜୀବନକାଳ ସଂକ୍ଷିପ୍ତ ହେବ । ଯେତେବେଳେ ଈଶ୍ୱର ଆମର "ଦୀର୍ଘ ପରମାୟୁ" ହେବ ବୋଲି କହନ୍ତି, ସେତେବେଳେ ସେ ଏହା ସୂଚିତ କରନ୍ତି ଯେ ସେ ଆମକୁ ସନ୍ତୋଷଜନକ ଅର୍ଥ, ଉତ୍ତମ ସ୍ୱାସ୍ଥ୍ୟ, ଗୋଟିଏ ମିଳନପ୍ରିୟ ପରିବାର ଓ ମନର ଶାନ୍ତି ପ୍ରଦାନ କରିବେ । କେବଳ ଏହିସବୁ ଆଶୀର୍ବାଦ ସହିତ ଆମେ ଏକ ଦୀର୍ଘ ଓ ପରିପୂର୍ଣ୍ଣ ଜୀବନ କାଟିପାରିବା ।

ଆଜିର ଯୁଗ, ପ୍ରାୟତଃ, ବୃଦ୍ଧ ପିତାମାତାଙ୍କର ଯତ୍ନ ନେବାର ଗୁରୁତ୍ୱକୁ ଅଣ ଦେଖା କରେ, ସେମାନେ ସେମାନଙ୍କୁ ଏକ ଆଶୀର୍ବାଦ ଅପେକ୍ଷା ଏକ ବୋଝ

**ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।**

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

### କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

### ସଦାପ୍ରଭୁ ଆଶ୍ଚର୍ଯ୍ୟକାର୍ଯ୍ୟ ସାଧନ କରନ୍ତି

ଯେତେବେଳେ ମୁଁ ଦକ୍ଷିଣ ଭାରତରେ ଥିବା ଉଟୀ ନାମକ ଗୋଟିଏ ସହରରେ ଅନ୍ତିମ ଦିନର ସଭା ପାଇଁ ପ୍ରସ୍ତୁତ ହେଉଥିଲି, ସେତେବେଳେ ମୁଁ ଭେଲୋରରେ ଥିବା ମୋର ବନ୍ଧୁଙ୍କର ପତ୍ନୀଙ୍କଠାରୁ ଗୋଟିଏ ଦୁଃଖଦାୟକ ଫୋନ୍ କଲ୍ ପାଇଲି । ସେ ଅଶ୍ରୁପୂର୍ଣ୍ଣଭାବରେ ମୋତେ କହିଥିଲେ, "ପ୍ରିୟ ଭାଇ, ମୋର ସ୍ୱାମୀ, ଶ୍ରୀଯୁକ୍ତ ଶାମୁୟେଲ ଜୟଶିଲାନ୍ ଛାତି ଯନ୍ତ୍ରଣା ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତାଙ୍କର ହୃଦୟ ଅସ୍ତ୍ରୋପଚାର ହୋଇସାରିଥିବାରୁ, ଆଉ ଥରେ ଅସ୍ତ୍ରୋପଚାର ପାଇଁ ସେ ଅତି ଦୁର୍ବଳ ଅଟନ୍ତି ।"

ସେହି ଦିନ ରାତିରେ, ମୁଁ ଭେଲୋର ପାଇଁ ଯାତ୍ରା କରିଥିଲି ଓ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କୁ ଅସ୍ତ୍ରୋପଚାର କକ୍ଷକୁ ନିଆଯିବା ପାଇଁ ପ୍ରସ୍ତୁତ କରାଯାଉଥିବାର ଦେଖିଲି । ଗଭୀରଭାବେ ଦୁଃଖିତ ହୋଇ, ମୁଁ ତାଙ୍କ ମସ୍ତକ ଉପରେ ମୋର ହାତ ରଖି ପ୍ରାର୍ଥନା କରିଥିଲି, "ହେ ପ୍ରଭୁ, ଏହିଥର ମୋର ବନ୍ଧୁଙ୍କୁ ଅସ୍ତ୍ରୋପଚାରରୁ ରକ୍ଷା କର । ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ସୁସ୍ଥତା ଦିଅ ।" ସେଠାରେ ଉପସ୍ଥିତ ଥିବା ଡାକ୍ତରମାନଙ୍କର ସନ୍ଦେହଯୁକ୍ତ ଓ ନୈରାଶ୍ୟଜନକ ମନ୍ତବ୍ୟ ସତ୍ତ୍ୱେ, ମୁଁ ମୋ' ବିଶ୍ୱାସରେ ଦୃଢ଼ ଥିଲି । ମୋର ବନ୍ଧୁଙ୍କୁ ଅସ୍ତ୍ରୋପଚାର କକ୍ଷକୁ ନିଆଯିବା ପର୍ଯ୍ୟନ୍ତ ମୁଁ ତାଙ୍କ ପାଖରେ, ତାଙ୍କର ଆଶା ହରାଇ ଦେଇଥିବା ପରିବାର ସଦସ୍ୟଙ୍କ ସହିତ ରହିଥିଲି ।

ମୁଁ ଅସ୍ତ୍ରୋପଚାର କକ୍ଷର ବାହାରେ ଠିଆ ହୋଇ ବାରମ୍ବାର ପ୍ରାର୍ଥନା କରୁଥିଲି ଓ ତାଙ୍କ ଉପରେ ମୋର ବିଶ୍ୱାସ ସ୍ଥାପନ କରିଥିଲି । ଗୋଟିଏ ଘଣ୍ଟା ପରେ, ଡାକ୍ତର ବାହାରକୁ ଆସିବାରୁ, ମୁଁ ଉଦ୍‌ବେଗପୂର୍ଣ୍ଣ ଭାବରେ ପଚାରିଥିଲି, "ଡାକ୍ତର, ମୋର ଭାଇ କିପରି ଅଛନ୍ତି ?" ମୋତେ ଆଶ୍ଚର୍ଯ୍ୟାନ୍ୱିତ କରି, ସେ ଉତ୍ତର ଦେଲେ, "ଅସ୍ତ୍ରୋପଚାରର କୌଣସି ଆବଶ୍ୟକତା ନାହିଁ । ଗୋଟିଏ ଦୁର୍ବଳ ପର୍ଦ୍ଦା ଅଛି, ଯାହାକୁ ଔଷଧ ଦ୍ୱାରା ଚିକିତ୍ସା କରାଯାଇପାରିବ ।" ଈଶ୍ୱର ମୋର ପ୍ରାର୍ଥନାର ଉତ୍ତର ଦେଇଥିଲେ ଓ ଅସ୍ତ୍ରୋପଚାର ବିନା ମୋର ବନ୍ଧୁଙ୍କୁ ସୁସ୍ଥତା ଦେଇଥିଲେ ।

ସେହି ଈଶ୍ୱରଙ୍କର ପ୍ରଶଂସା ହେଉ, ଯିଏ ଆମ ଜୀବନରେ ଏହିପରି ଆଶ୍ଚର୍ଯ୍ୟକର୍ମ କରିବା ଅବ୍ୟାହତ ରଖିଛନ୍ତି ।

* * *

---

ଭାବରେ ଦେଖନ୍ତି । ଏହା ଫଳରେ, ଅନେକ ବୃଦ୍ଧ ବ୍ୟକ୍ତି ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ କାଟିଥିବା ସତ୍ତ୍ୱେ, ଶେଷରେ ବୃଦ୍ଧାଶ୍ରମ ଗୁଡ଼ିକର ଆଶ୍ରୟ ନିଅନ୍ତି । ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ, ବିଶେଷତଃ, ଆତ୍ମିକ ବିଷୟ ଗୁଡ଼ିକ ନେଇ କଳହ ଦେଖାଯିବା କିଛି ଅସାଧାରଣ ବିଷୟ ନୁହେଁ, କାରଣ ବୃଦ୍ଧମାନଙ୍କ ଯୁଗର ଲୋକମାନଙ୍କ ନିକଟରେ ବେଳେବେଳେ ଶିକ୍ଷାର ଅଭାବ ଥାଏ ଓ ସେମାନେ ଏହି ଯୁବଗୋଷ୍ଠୀର ପସନ୍ଦ ଅପସନ୍ଦକୁ ବୁଝିପାରନ୍ତି ନାହିଁ । ଯେ କୌଣସି ମତଭେଦ କିମ୍ବା ପ୍ରତିବନ୍ଧକ ସତ୍ତ୍ୱେ, ସେମାନଙ୍କ ନିକଟରେ ଉଦ୍‌ଯୋଗର ସହିତ ସେମାନଙ୍କ ପିତାମାତାଙ୍କର ଯତ୍ନ ନେବାର ଦାୟିତ୍ୱ ରହିଥାଏ । ଏହାଦ୍ୱାରା ସେମାନେ ସେମାନଙ୍କ ପ୍ରତି ପ୍ରେମ ଓ ସମ୍ମାନ ପ୍ରଦର୍ଶନ କରିପାରିବେ । ଏହି କର୍ତ୍ତବ୍ୟର ଅବହେଳା ସେମାନଙ୍କ ଜୀବନରେ ଆଶୀର୍ବାଦ ବଦଳରେ ଅଭିଶାପ ଆଣିଥାଏ ।

### ୫. ଈଶ୍ୱରଙ୍କ ମଣ୍ଡଳୀ ବିରୁଦ୍ଧରେ କାର୍ଯ୍ୟ ଅଭିଶାପକୁ ଆମନ୍ତ୍ରଣ କରେ :

**"ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାକୁ ନଷ୍ଟ କରିବେ..."** (୧ କରିନ୍ଥୀୟ ୩:୧୭) । **"ଯିହୁଦୀ ବା ଗ୍ରୀକ୍ ବା ଈଶ୍ୱରଙ୍କ ମଣ୍ଡଳୀ, କାହାର ଝୁଣ୍ଟିବାର କାରଣ ହୁଅ ନାହିଁ"** (୧ କରିନ୍ଥୀୟ ୧୦:୩୨) ।

ମଣ୍ଡଳୀ ସମ୍ବନ୍ଧୀୟ ଶିକ୍ଷା ଗଭୀର ଓ ଅର୍ଥପୂର୍ଣ୍ଣ ଅଟେ । ସାଧୁ ପାଉଲ ଏହାକୁ ସ୍ୱୀକାର କରି କହିଛନ୍ତି, **"ଏହା ଏକ ନିଗୂଢ଼ତତ୍ତ୍ୱ ଅଟେ ..."** (ଏଫିସୀୟ ୫:୩୨) । ଏଫିସୀୟ ୫:୨୬-୨୭ରେ ଲେଖାଯାଇଛି, **"ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି, ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଓ ସମସ୍ତ ପ୍ରକାର ଦୋଷ ରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ, ଆଉ ଏହିପରି ଗୌରବମୟ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରାନ୍ତି ।"** ଏହି ଉଦ୍ଦେଶ୍ୟ ପାଇଁ ଯୀଶୁ ନିଜକୁ ଉତ୍ସର୍ଗ କରିଥିଲେ । ଯୀଶୁ ନିଜେ ଘୋଷଣା କରିଥିଲେ, **"...ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ"** (ମାଥିଉ ୧୬:୧୮) । ଏହା ମଣ୍ଡଳୀ ନିମନ୍ତେ ସଦାପ୍ରଭୁ ପରମେଶ୍ୱରଙ୍କର ପ୍ରଚୁର ପ୍ରେମକୁ ପ୍ରଦର୍ଶନ କରେ ଓ ଏହା ତାଙ୍କ ନିଜର ରକ୍ତର ମୂଲ୍ୟ ଦ୍ୱାରା ପ୍ରମାଣିତ ହୋଇଛି । ସେଥିପାଇଁ ଏହା ସ୍ପଷ୍ଟ ଅଟେ ଯେ ଈଶ୍ୱର ମଣ୍ଡଳୀକୁ ନଷ୍ଟ କରିବା ପାଇଁ ଚେଷ୍ଟା କରୁଥିବା ଲୋକମାନଙ୍କୁ ଦଣ୍ଡ ଦେବାରୁ ନିବୃତ୍ତ ହେବେ ନାହିଁ ।

ମାତ୍ର କେତେ ଜଣ ଈଶ୍ୱରଙ୍କ ମଣ୍ଡଳୀ ବିରୁଦ୍ଧରେ ମନ୍ଦ କଥା କହନ୍ତି, କେତେକ ଲୋକ ମଣ୍ଡଳୀର ସଂପତ୍ତିକୁ ଲୁଣ୍ଠନ କରନ୍ତି ଓ ମଣ୍ଡଳୀର ଶିକ୍ଷାକୁ ତୁଚ୍ଛ କରି ଏହାକୁ କଠୋର ଭାବେ ସମାଲୋଚନା କରନ୍ତି । ଈଶ୍ୱରଙ୍କର କେତେକ ସନ୍ତାନ ଈଶ୍ୱରଙ୍କ ନିମନ୍ତେ ଆତ୍ମାଗୁଡ଼ିକୁ ରକ୍ଷା କରିବା ପାଇଁ କଠିନ ପରିଶ୍ରମ କରନ୍ତି । ମାତ୍ର କେତେକ ଦୁଷ୍ଟ ଲୋକ ସେମାନଙ୍କ ମଣ୍ଡଳୀ ମଧ୍ୟରେ ପ୍ରବେଶ କରନ୍ତି, ନୂତନ ବିଶ୍ୱାସୀମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି ଓ ସେମାନଙ୍କ ନିଜସ୍ୱ ମଣ୍ଡଳୀ ସ୍ଥାପନ କରିବା ପାଇଁ ସେମାନଙ୍କୁ ପୂର୍ବ ମଣ୍ଡଳୀ ମଧ୍ୟରୁ ବାହାର କରି ଆଣନ୍ତି । ଏହିପ୍ରକାର ଲୋକମାନେ ଈଶ୍ୱରଙ୍କ ସେବା କରନ୍ତି ନାହିଁ, ଏହା ପରିବର୍ତ୍ତେ, ସେମାନେ ଆତ୍ମାଗୁଡ଼ିକୁ ଦୁର୍ନୀତିଗ୍ରସ୍ତ କରାନ୍ତି । କେତେକ ଲୋକ ଲୋକପ୍ରିୟତା ଲାଭ କରିବା ପାଇଁ ସେମାନଙ୍କ ମଣ୍ଡଳୀ ବିଷୟରେ ମିଥ୍ୟା ତଥ୍ୟ ପ୍ରସାର କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ।

ଈଶ୍ୱର ଏହି ପ୍ରକାର ପରିହାସକମାନଙ୍କୁ ସହ୍ୟ କରିବେ ନାହିଁ । ସେ କହନ୍ତି, **‘‘ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ, ମୋ’ ପାଖରୁ ଦୂର ହୁଅ’’** (ମାଥିଉ ୭:୨୩) । ଏହା କେତେ ନିଷ୍ଠୁର କଥା ହେବ !

ଏହିପରି ଭାବରେ, ଈଶ୍ୱର ସେହି ଲୋକମାନଙ୍କୁ ଦଣ୍ଡ ଦିଅନ୍ତି ଯେଉଁମାନେ ତାଙ୍କ ମଣ୍ଡଳୀକୁ ଓ ତାଙ୍କର ସେବା କରିବା ପାଇଁ ଆହ୍ୱାନ ପାଇଥିବା ଈଶ୍ୱରଙ୍କ ସେବକମାନଙ୍କୁ ବିରୋଧ କରନ୍ତି । ଦଣ୍ଡ ଜୀବନବ୍ୟାପୀ ଥାଏ ଓ ଅଭିଶାପ ଗୋଟିଏ ପୁରୁଷରୁ ଅନ୍ୟ ଏକ ପୁରୁଷ ପର୍ଯ୍ୟନ୍ତ ଲାଗି ରହେ । ଏହା ଉଭୟ ପୃଥିବୀ ଇତିହାସ ଓ ବାଇବଲ ଉଲ୍ଲିଖିତ ଇତିହାସରେ ପରୀକ୍ଷିତ ହୋଇଅଛି ।

### ଏଠାରେ କେତେକ ଉଦାହରଣ ପ୍ରଦତ୍ତ ଅଛି :

୧. ଗିହେଜୀ ଇଲୀଶାୟ ଭାବବାଦୀଙ୍କର ଏକ ଦାସ ଥିଲା । ଇଲୀଶାୟ ସିରିଆର ସେନାଧକ୍ଷ ନାମାନ୍‌ଙ୍କୁ କୁଷ୍ଠ ରୋଗରୁ ସୁସ୍ଥ କରିଥିଲେ । କିନ୍ତୁ, ଗିହେଜୀ ତାଙ୍କ ଇଚ୍ଛା ବିରୁଦ୍ଧରେ ନାମାନ୍‌ଙ୍କଠାରୁ ଉପହାର ଗ୍ରହଣ କରିବା ଦ୍ୱାରା ତାଙ୍କୁ ପ୍ରତାରଣା କରିଥିବାରୁ, ସେ କୁଷ୍ଠରୋଗର ଅଭିଶାପ ପାଇଥିଲେ ଓ ତାଙ୍କୁ ଈଶ୍ୱରଙ୍କ ସାକ୍ଷାତ୍‌ରୁ ଚାଲିଯିବାକୁ ପଡ଼ିଥିଲା । ତାଙ୍କର ବଂଶଧରମାନେ ମଧ୍ୟ ଏହି ଅଭିଶାପ ଭୋଗିଥିଲେ । ଏହି ଘଟଣା ୨ ରାଜାବଳି ୫:୨୦-୨୭ରେ ବର୍ଣ୍ଣିତ ଅଛି ।

୨. ହନନିୟ ଓ ତାଙ୍କ ସ୍ତ୍ରୀ ସଫୀରା ପ୍ରଭୁଙ୍କ ସେବାକାର୍ଯ୍ୟ ଉଦ୍ଦେଶ୍ୟରେ ସେମାନଙ୍କର ସଂପତ୍ତି ବିକ୍ରୟ କରିଥିଲେ । କିନ୍ତୁ, ପିତରଙ୍କଠାରୁ ସତ୍ୟ ଲୁଚାଇବା ଦ୍ୱାରା, ସେମାନେ ଆକସ୍ମିକ ମୃତ୍ୟୁର ସମ୍ମୁଖୀନ ହୋଇଥିଲେ (ପ୍ରେରିତ ୫:୧-୧୦) ।

ଈଶ୍ୱର ସେହି ସମସ୍ତ ଲୋକ, ସରକାର ଓ ରାଜ୍ୟଗୁଡ଼ିକ ଉପରେ ବିନାଶ ଆଣିଛନ୍ତି ଯେଉଁମାନେ ତାଙ୍କ ମଣ୍ଡଳୀ ଓ ତାଙ୍କ ଦାସମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିଛନ୍ତି । ଯେଉଁମାନେ ଈଶ୍ୱରଙ୍କ ପ୍ରକୃତ ଦାସ ଅଟନ୍ତି, ଯେଉଁମାନେ ତାଙ୍କ ପଲର ଯତ୍ନ ନେବା ପାଇଁ ଆହୂତ ହୋଇଛନ୍ତି, ସେମାନଙ୍କ ପ୍ରତି କ୍ଷତି ଓ ଦୁଃଖ ଆଣୁଥିବା ବ୍ୟକ୍ତିମାନେ ତାଙ୍କ ଦଣ୍ଡର ସମ୍ମୁଖୀନ ହେବେ ।

ସେବାକାର୍ଯ୍ୟରେ, ମୋର ବ୍ୟକ୍ତିଗତ ଅନୁଭୂତିରେ, ମୁଁ, ପ୍ରଥମତଃ, ଏହି ବିଷୟକୁ ଦେଖିଅଛି । ସେବାକାର୍ଯ୍ୟରେ, ମୋର ଆଦ୍ୟ ଦିନଗୁଡ଼ିକରେ, କେତେକ ବ୍ୟକ୍ତି କୌଣସି ପରିଣାମକୁ ଖାତିରି ନ କରି ମୋତେ ଦୋଷୀ ସାବ୍ୟସ୍ତ କରିପାରିବେ ବୋଲି ବିଶ୍ୱାସ କରିଥିଲେ । ସେମାନେ ମୋର ସରକାରୀ କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି, ମୋ’ ବିରୁଦ୍ଧରେ ଅନାବଶ୍ୟକ ଅଭିଯୋଗ କରିଥିଲେ ଓ ମୋ’ ଉପରିସ୍ଥମାନଙ୍କ ନିକଟରେ ମୋ’ ବିରୁଦ୍ଧରେ ମନ୍ଦ କଥା କହିଥିଲେ । ସେମାନେ ମୋ’ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି, ମୋ’ ବିଷୟରେ ଓ ମୋ’ ସେବାକାର୍ଯ୍ୟ ବିଷୟରେ ମିଥ୍ୟା କଥା ପ୍ରସାର କରିଥିଲେ ଓ ମୋତେ ଅତି ଦୁଃଖଗ୍ରସ୍ତ କରିଥିଲେ । କିନ୍ତୁ, ଈଶ୍ୱର ମୋ’ ସପକ୍ଷରେ ଠିଆ ହୋଇଥିଲେ ଓ ସେମାନଙ୍କର ପତନ ଘଟାଇଥିଲେ । ଆଜି କେତେ ଜଣ ରାସ୍ତାରେ ପାଗଳପ୍ରାୟ ବୁଲୁଛନ୍ତି, ଅନ୍ୟମାନେ ଦାରିଦ୍ର୍ୟ ଭୋଗ କରୁଛନ୍ତି ଓ ଅନେକ ଲୋକଙ୍କର ବଂଶଧରମାନେ ଶାରୀରିକ ଓ ମାନସିକ ଅକ୍ଷମତାର ଶୀକାର ହୋଇଛନ୍ତି ।

ବର୍ତ୍ତମାନ, ଆମ ସାଂପ୍ରତିକ ମଣ୍ଡଳୀ ନିକଟରେ ରହୁଥିବା ଲୋକମାନେ ବିଶୃଙ୍ଖଳା ଓ ମୋ’ ପାଇଁ ମାନସିକ ଦୁଃଖ ସୃଷ୍ଟି କରିବାର ଚେଷ୍ଟା କରିଛନ୍ତି, ଏପରିକି କେତେ ଜଣ ମୋର ଶାରୀରିକ କ୍ଷତି ପାଇଁ ଉଦ୍ୟମ କରୁଛନ୍ତି ।

ସେମାନେ ଆମ ମଣ୍ଡଳୀ ସମ୍ମୁଖରେ ମୋର ଗାଡ଼ି ଗୁଡ଼ିକୁ ରଖିବାର ଦେଖି ସହ୍ୟ କରିପାରୁ ନାହାନ୍ତି । ସେମାନଙ୍କର ପ୍ରତିବାଧା ଯୋଗୁ ମୋତେ ମୋର ସେହି ମିନିବସ୍‌କୁ ବିକ୍ରୟ କରିବାକୁ ପଡ଼ିଥିଲା ଯାହାକୁ ଆମେ ଅତି କମ୍ ମୂଲ୍ୟରେ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ବ୍ୟବହାର କରୁଥିଲୁ । କିନ୍ତୁ, ସେହି ଲୋକମାନେ ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ହୋଇ ଅତିଶୀଘ୍ର ମୃତ୍ୟୁବରଣ କରିଥିଲେ । କେତେଜଣ ସେମାନଙ୍କ ପରିବାର ମଧ୍ୟରେ ଭୟଙ୍କର କଳହର ଅନୁଭୂତି ପାଇଥିଲେ ଓ ଏହା ଫଳରେ ସେମାନଙ୍କୁ ସେମାନଙ୍କର ଗୃହ ଛାଡ଼ି ଅନ୍ୟତ୍ର ପଳାୟନ କରିବାକୁ ପଡ଼ିଥିଲା । ବଡ଼ ବଡ଼ ଯୁଗ୍ମ ପରିବାରର ସଦସ୍ୟମାନେ ଅନେକ ଅସୁବିଧା ଓ ବିଫଳତାର ସମ୍ମୁଖୀନ ହୋଇ ଅତି କମ୍ ମୂଲ୍ୟରେ ସେମାନଙ୍କ ସଂପତ୍ତି ବିକ୍ରି କରିଥିଲେ ଓ ଆମ ଅଞ୍ଚଳରୁ ଚାଲି ଯାଇଥିଲେ । ଏକଦା ମିଳନରେ ରହିଥିବା ପରିବାର ବର୍ତ୍ତମାନ ଛିନ୍ନଭିନ୍ନ ହୋଇ ଯାଇଛନ୍ତି ଓ ଅନ୍ୟ ଅଞ୍ଚଳରେ ବସବାସ କରୁଛନ୍ତି । ଏହା ଫଳରେ, ବର୍ତ୍ତମାନ ଏଠାରେ ଆଉ କେହି ଆମ ସେବାକାର୍ଯ୍ୟକୁ ବିରୋଧ କରିବା ପାଇଁ ନାହାନ୍ତି । ଏଥିପାଇଁ କିଏ ଦାୟୀ ଅଟନ୍ତି ଓ ଏହାର ଅନ୍ତର୍ନିହିତ କାରଣ କ’ଣ ?

**ଦୟାକରି ଏହା ଉପରେ ଚିନ୍ତା କରନ୍ତୁ**

## 7 ଅଭିଶାପକୁ ଆଶୀର୍ବାଦରେ ପରିବର୍ତ୍ତିତ କରିବାର ସାତଟି ଆଦେଶ

୧. ପ୍ରଭୁଯୀଶୁଙ୍କଠାରେ ଥିବା ଆପଣଙ୍କର ବିଶ୍ୱାସକୁ ସ୍ୱୀକାର କରନ୍ତୁ ଓ ସେ ଆପଣଙ୍କ ନିମନ୍ତେ ଦେଇଥିବା ବଳିଦାନକୁ ମଧ୍ୟ ସ୍ୱୀକାର କରନ୍ତୁ ।

୨. ଅନୁତାପ କରନ୍ତୁ, ଆପଣଙ୍କର ଶକ୍ତ ମନୋଭାବକୁ ଓ ପାପପୂର୍ଣ୍ଣ ମାର୍ଗକୁ ପରିତ୍ୟାଗ କରି, ବାପ୍ତିଜିତ ହୁଅନ୍ତୁ ।

୩. ଆପଣଙ୍କ ବିରୁଦ୍ଧରେ ଅନ୍ୟାୟ କରିଥିବା ବ୍ୟକ୍ତିମାନଙ୍କୁ କ୍ଷମା ଦିଅନ୍ତୁ ।

୪. ଶୟତାନିକ ପ୍ରଭାବ ଓ ପ୍ରତିମାପୂଜା ସହିତ ସଂପୃକ୍ତ ସମସ୍ତ କାର୍ଯ୍ୟରୁ ନିଜ ନିଜକୁ ସଂପୂର୍ଣ୍ଣଭାବେ ଦୂରେଇ ରଖନ୍ତୁ ।

୫. ଯୀଶୁ ଖ୍ରୀଷ୍ଟ ଦାନ କରିଥିବା କ୍ଷମାରେ ବିଶ୍ୱାସ କରି ତାଙ୍କ ଉପରେ ସଂପୂର୍ଣ୍ଣଭାବେ ନିର୍ଭର କରନ୍ତୁ ଓ ତାଙ୍କ ରକ୍ତ ମାଧ୍ୟମରେ ତାଙ୍କର କ୍ଷମା ଓ ମୁକ୍ତି ଅନ୍ୱେଷଣ କରନ୍ତୁ ।

୬. ଯେଉଁ ମଣ୍ଡଳୀରେ ଲୋକମାନେ ଆତ୍ମାରେ ଓ ସତ୍ୟରେ ଯୀଶୁ ଖ୍ରୀଷ୍ଟଙ୍କର ଉପାସନା କରନ୍ତି, ସେହି ମଣ୍ଡଳୀରେ ଯୋଗ ଦିଅନ୍ତୁ । ଆପଣ ନିଜ ଗୃହ ନିକଟରେ ଥିବା ମଣ୍ଡଳୀରେ ଯୋଗ ଦେଇପାରିବେ । ଯୀଶୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ରହନ୍ତୁ ଓ ମଣ୍ଡଳୀ ଓ ପାଳକଙ୍କ ସହିତ ନିୟୋଜିତ ରହନ୍ତୁ ।

୭. ନିୟମିତ ବାଇବଲ ପଠନ ଓ ପ୍ରାର୍ଥନା ମାଧ୍ୟମରେ, ବିଭିନ୍ନ ମାର୍ଗରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରନ୍ତୁ ।

## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।

ସମ୍ପାଦକ

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

***1. Bank : State Bank of India***

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

***2. Bank : ICICI Bank***

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

***3. Bank : State Bank of India***

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th SEPTEMBER 2024.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**